# ଅଧ୍ୟାୟ – ୫ – ଗ୍ରାମପଞ୍ଚାୟତର ଟିକସ ରାଜସ୍ୱ

**୫.୧ ସମ୍ବିଧାନରେ ଗ୍ରାମପଞ୍ଚାୟତର ଟିକସ ଜାରି କ୍ଷମତା-**

୫.୧.୧ ଭାରତର ସମ୍ବିଧାନର ଧାରା ୨୪୩ (ଏଚ୍)ର ଶୀର୍ଷକ ହେଉଛି, 'ଟିକସ ଜାରି କରିବା ପାଇଁ ପଞ୍ଚାୟତଗୁଡିକର କ୍ଷମତା ଏବଂ ପଞ୍ଚାୟତର ପାଣିସମୂହ', ଏବଂ ଏଥିରେ କୁହାଯାଇଛି ଯେ, ଗୋଟିଏ ରାଜ୍ୟର ବିଧାନସଭା ଆଇନ୍ ପ୍ରଣୟନ ବଳରେ ନିମ୍ନୋକ୍ତ ବ୍ୟବସ୍ଥାମାନ ସ୍ଥାନିତ କରିପାରନ୍ତି-

ଏ) ପଞ୍ଚାୟତ କେଉଁ ପ୍ରକାର ଟିକସ, କର, ଦେୟ ବା ଫିସ୍ ଲାଗୁ କରିପାରିବ ଏବଂ କେଉଁ ପ୍ରକ୍ରିୟାରେ ତଥା କେଉଁ ସୀମା ଭିତରେ ଆଦାୟ କରିପାରିବ ;

ବି) ରାଜ୍ୟ ଦ୍ୱାରା ପ୍ରବର୍ତ୍ତୀତ ଏବଂ ସଂଗୃହୀତ ହେଉଥିବା କେଉଁ ରାଜସ୍ୱର କେତେ ପରିମାଣ କେଉଁ ଉଦ୍ଦେଶ୍ୟରେ ପଞ୍ଚାୟତକୁ ନ୍ୟସ୍ତ କରାଯାଇପାରେ ;

ସି) ରାଜ୍ୟର କେନ୍ଦ୍ରୀଭୂତ ପାଣ୍ଠିରୁ କି କି ସହାୟକ ଅନୁଦାନ ପଞ୍ଚାୟତଗୁଡିକୁ ଆବଣ୍ଟନ କରାଯାଇ ପାରେ; ଏବଂ

ଡି) ପଞ୍ଚାୟତଗୁଡିକ ପାଇଁ ଆବଶ୍ୟକ ପାଣ୍ଠିମାନ ଗଠନ କରିବା, ଯଦ୍ୱାରା ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଅର୍ଥରାଶିର ଆୟ ଓ ବ୍ୟୟ ସୁଗମ ହୋଇପାରିବ ।

୫.୧.୨ ସମ୍ବିଧାନର ୭୩ତମ ସଂଶୋଧନ,୧୯୯୨ ବଳରେ ସ୍ଥାନିତ ହୋଇଥିବା ଉପରୋକ୍ତ ବ୍ୟବସ୍ଥାର ମୂଳ ତାତ୍ପର୍ଯ୍ୟ ହେଲା, ରାଜ୍ୟ ସରକାରମାନେ ନିମ୍ନୋକ୍ତ ଉଦ୍ଦେଶ୍ୟରେ ଆଇନ୍ ପ୍ରଣୟନ କରିବେ –

- ପଞ୍ଚାୟତମାନେ ବିଭିନ୍ନ ଟିକସ ଓ ଅଣଟିକସ ସୂତ୍ରରୁ ଆୟ ସଂଗ୍ରହ କରି କିପରି ସେମାନଙ୍କର ସମ୍ବଳ ଭଣ୍ଡାରକୁ ସଂପ୍ରସାରଣ ଏବଂ ବହୁସୂତ୍ରୀ କରିପାରେବେ, ସେଥିପାଇଁ ସେମାନଙ୍କୁ କ୍ଷମତା-ସଂପନ୍ନ କରିବା;
- ରାଜ୍ୟ କେନ୍ଦ୍ରୀଭୂତ ପାଣ୍ଠିରୁ ପଞ୍ଚାୟତିରାଜ ସଂସ୍ଥାମାନଙ୍କୁ ସହାୟକ ଅନୁଦାନ ଆବଣ୍ଟନ କରିବା କ୍ଷେତ୍ରରେ ମାର୍ଗଦର୍ଶନ ପାଇଁ ନୀତିସମୂହର ଏକ ଢାଞ୍ଚାକୁ ରୂପ ଦେବା; ତଥା
- ସମସ୍ତ ପଞ୍ଚାୟତ ସଂସ୍ଥାଗୁଡିକର ଆର୍ଥିକ କାରବାରସମୂହର ସମଗ୍ର ପରିସରକୁ ଆବୃତ୍ତ କରି ପଞ୍ଚାୟତ କେନ୍ଦ୍ରୀଭୂତ ପାଣ୍ଠି ନାମରେ ଏକ ସ୍ୱତନ୍ତ୍ର ପାଣ୍ଠିର ପ୍ରତିଷ୍ଠା କରାଇବା ।

**୫.୨ ଟିକସ ଆଦାୟ ପାଇଁ କେବଳ ଗ୍ରାମପଞ୍ଚାୟତ ହିଁ କ୍ଷମତାପ୍ରାପ୍ତ:**

ଭାରତର ଅନ୍ୟ ବହୁ ରାଜ୍ୟ ଭଳି ଓଡିଶାରେ ପଞ୍ଚାୟତିରାଜ ସଂସ୍ଥାମାନଙ୍କ ଭିତରେ କେବଳ ଗ୍ରାମ ପଞ୍ଚାୟତ ହିଁ ନିଜର କ୍ଷେତ୍ରାଧିକାର ଭିତରେ ବାସ କରୁଥିବା ଲୋକମାନଙ୍କ ଉପରେ ଟିକସ ଲାଗୁ କରିବା ପାଇଁ କ୍ଷମତା ପ୍ରାପ୍ତ ହୋଇଛି । ଶାସନବ୍ୟବସ୍ଥାର ସବାତଳେ ରହିଥିବା ଗ୍ରାମ ପଞ୍ଚାୟତ ଲୋକମାନଙ୍କ ସହ ପ୍ରତ୍ୟକ୍ଷ ଭାବେ ଜଡିତ ତଥା ସେବା ପ୍ରଦାନ ବ୍ୟବସ୍ଥାର ଅନ୍ତିମ ସ୍ଥଳରେ ଅବସ୍ଥିତ । ବିଭିନ୍ନ ପଞ୍ଚାୟତିରାଜ ସଂସ୍ଥା ଭିତରୁ ଗ୍ରାମ ପଞ୍ଚାୟତକୁ ଟିକସ ଲାଗୁ କରିବାର କ୍ଷମତା ପ୍ରଦାନ ପଛରେ ଏହାହିଁ ଯଥାର୍ଥ କାରଣ । ଯଦିଓ ଓଡିଶା ପଞ୍ଚାୟତ ସମିତି ଆଇନ୍ ୧୯୫୯ର ଧାରା ୨୯(୧) ଅଧୀନରେ ବର୍ଣ୍ଣିତ ବଭିନ୍ନ ଆୟ-ସୂତ୍ର ଭିତରେ ଟିକସ, ଅଧିଭାର (ସରଚାର୍ଯ) ବା ଫିସ୍ ସଂଗ୍ରହକୁ ସ୍ଥାନ ଦିଆଯାଇଛି, କିନ୍ତୁ ବସ୍ତୁତଃ ଏହା କେଉଁଠି କାର୍ଯ୍ୟକାରୀ ହେଉନାହିଁ । ଓଡିଶା ଜିଲ୍ଲା ପରିଷଦ

ଆଇନ୍ ୧୯୯୧ରେ ମଧ୍ୟ ଜିଲ୍ଲା ପରିଷଦକୁ ଟିକସ ଲାଗୁ କରିବାର କ୍ଷମତା ଦିଆଯାଇ ନାହିଁ । କିନ୍ତୁ ଅନ୍ୟ ପକ୍ଷରେ ଓଡିଶା ଗ୍ରାମ ପଞ୍ଚାୟତ ଆଇନ୍ ୧୯୬୪ରେ ଅଧ୍ୟାୟ-୮ରେ ଏକ ସୁବିସ୍ତୃତ ବ୍ୟବସ୍ଥା 'ଟିକସ ପ୍ରଣାଳୀ' ସ୍ଥାନିତ ହୋଇଥିବା ସହିତ ଏହାର ଅନ୍ୟ ବହୁ ସ୍ଥାନରେ ଟିକସ ସଂପର୍କୀତ ବହୁ ପ୍ରାବ୍ଧାନ ସ୍ଥାନ ପାଇଛି ।

**୫.୩ ଓଡିଶା ଗ୍ରାମ ପଞ୍ଚାୟତ ଆଇନ୍ ୧୯୬୪ ଅଧୀନରେ ଆଦାୟଯୋଗ୍ୟ ଟିକସସମୂହ:**

ଗ୍ରାମ ପଞ୍ଚାୟତର ନିଜସ୍ୱ ଆୟ ମୂଳତଃ ଦୁଇଟି ସୂତ୍ରରୁ ଆସିଥାଏ, ଟିକସ ରାଜସ୍ୱ ଏବଂ ଅଣଟିକସ ରାଜସ୍ୱ । ଯଦିଓ ଗ୍ରାମ ପଞ୍ଚାୟତ ଆଇନ୍ ଅନୁଯାୟୀ ଟିକସ ରାଜସ୍ୱ ଅଳ୍ପ କେତୋଟି ଉତ୍ସରୁ ଆଦାୟ ହୋଇଥାଏ, ଯଥା ପଞ୍ଜିକରଣ ଫିସ୍, ରାସ୍ତା ଆଲୋକ ଫିସ୍, ଜଳ ନିଷ୍କାସନ ଟିକସ, ପାଇଖାନା ଟିକସ ଏବଂ ଲାଇସେନ୍ସ ଫିସ୍ ଇତ୍ୟାଦି, କିନ୍ତୁ ନିମ୍ନୋକ୍ତ ଅବତାରଣାରୁ ଆମେ ଜାଣି ପାରିବା ଯେ, ଏହି ଆଇନ୍ ଅଧୀନରେ ଗ୍ରାମ ପଞ୍ଚାୟତ ଆହୁରି ଅନେକ ପ୍ରକାର ଟିକସ ରାଜସ୍ୱ ସଂଗ୍ରହ କରି ପାରିବ ।

**ଓଡିଶା ଗ୍ରାମ ପଞ୍ଚାୟତ ଆଇନ୍, ୧୯୬୪ର ଅଧ୍ୟାୟ-୮ରେ ସ୍ଥାନିତ ହୋଇଥିବା ଧାରା ୮୩** ଅନୁଯାୟୀ ଗ୍ରାମ ପଞ୍ଚାୟତ ଆଇନ୍ ଏବଂ ନିୟମାବଳୀର ପ୍ରାବ୍ଧାନସମୂହ ଅଧୀନରେ ରହି ନିମ୍ନଲିଖିତ ଟିକସ ତାଲିକା ଭିତରୁ ଯେ କୌଣସି ବା ସମସ୍ତ ଟିକସ ଜାରି କରି ପାରନ୍ତି ।

(୧) **ଯାନବାହାନ ଟିକସ:** ରାସ୍ତାରେ ବ୍ୟବହାର ଉପଯୋଗୀ ଯାନାବାହାନ ନଚେତ୍ ଗ୍ରାମର କୌଣସି ସ୍ଥାନରେ ରଖାଯାଉଥିବା ଯାନବାହାନ ଉପରେ ଏହି ଟିକସ ଜାରି କରାଯାଇ ପାରିବ । ଆଇନ୍ ସହ ସଂଲଗ୍ନ ଅନୁସୂଚୀରେ କେତେକ ଧରଣର ଯାନବାହାନର ତାଲିକା ଦିଆଯାଇଛି ଏବଂ ପ୍ରତି ଧରଣର ଯାନ ଉପରେ ସର୍ବାଧିକ କେତେ ଟିକସ ଲାଗୁ କରାଯାଇ ପାରିବ, ତାହା ମଧ୍ୟ ସୂଚୀତ ହୋଇଛି । ନିମ୍ନରେ କେତେକ ଯାନ ଏବଂ ପ୍ରତ୍ୟେକଙ୍କ ପାଇଁ ପ୍ରଯୁଜ୍ୟ ସର୍ବାଧିକ ଆଦାୟ ଯୋଗ୍ୟ ଟିକସର ପରିମାଣ ଦର୍ଶା ଯାଉଛି-

| | |
|---|---|
| - ବାଇ-ସାଇକେଲ୍‌କୁ ବାଦ୍‌ଦେଇ ଦୁଇଚକିଆ ଯାନ (ଠେଲାଗାଡି, ଝଟ୍‌କା, ଟାଙ୍ଗା ଇତ୍ୟାଦି) - | ବାର୍ଷିକ ୮/- |
| - ବାଇସାଇକେଲ - | ବାର୍ଷିକ ୩/- |
| - ସାଇକେଲ୍ ରିକ୍‌ସା – | ବାର୍ଷିକ ୬/- |

(୨) **ପାଇଖାନା ଓ ମଳସଫେଇ ଟିକସ:** ଯେଉଁ ବ୍ୟକ୍ତିମାନଙ୍କର ଘରୋଇ ପାଇଖାନା, ମଳକୁଣ୍ଡ, ହତା ଓ ଆବର୍ଜନା ସ୍ଥଳ ଇତ୍ୟାଦି ଗ୍ରାମପଞ୍ଚାୟତ ଦ୍ୱାରା ସଫେଇ କରାଯାଏ, ସେଭଳି ବ୍ୟକ୍ତିଙ୍କ ଠାରୁ ପାଇଖାନା ବା ମଳସଫେଇ ଟିକସ ଆଦାୟ କରାଯାଇଥାଏ, ଯାହାକି ବାର୍ଷିକ ଟ.୬/- ରୁ ବେଶୀ ହେବ ନାହିଁ ।

(୩) **ଜଳକର:** ଯେଉଁସ୍ଥଳେ ଗ୍ରାମପଞ୍ଚାୟତ ପାନୀୟଜଳ ଯୋଗାଣ କରିଥାଏ, ସେପରି ସ୍ଥଳେ ଜଳଯୋଗାଣର ଖର୍ଚ୍ଚ ଏବଂ ଜଳଯୋଗାଣ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ପିଛା ଖର୍ଚ୍ଚର ପରିମାଣ ଉପରେ ନିର୍ଭରକରି ଜଳକର ଧାର୍ଯ୍ୟ କରାଯାଇଥାଏ ଓ ଆଦାୟ କରାହୁଏ ।

(୪) **ଆଲୋକ ଦେୟ:** ଯେଉଁ ସ୍ଥଳେ ଗ୍ରାମପଞ୍ଚାୟତ ସର୍ବସାଧାରଣ ରାସ୍ତା, ସ୍ଥାନ କିମ୍ବା ଅଟ୍ଟାଳିକା ମାନଙ୍କରେ

ଆଲୋକ ଯୋଗାଣ କରୁଥିବ, ସେପରି ସ୍ଥଳେ ଆଲୋକ ଯୋଗାଣ ଓ ଆଲୋକ ଯୋଗାଣ ବ୍ୟବସ୍ଥାର ରକ୍ଷଣାବେକ୍ଷଣର ଖର୍ଚ୍ଚ ଉପରେ ନିର୍ଭର କରି ସର୍ବସାଧାରଣଙ୍କ ଠାରୁ ଆଲୋକ ଦେୟ ଆଦାୟ କରାଯିବ ।

**(୫) ଜଳନିଷ୍କାସନ ଟିକସ:** ଯେଉଁ ସ୍ଥଳେ ଗ୍ରାମପଞ୍ଚାୟତ ଜଳନିଷ୍କାସନର ବ୍ୟବସ୍ଥା କରିଥିବ, ସେପରି ସ୍ଥଳେ ସଂପୃକ୍ତ ସ୍ଥାନ ଏବଂ ଗୃହର ମାଲିକମାନଙ୍କ ଠାରୁ ଜଳନିଷ୍କାସନ ଟିକସ ଆଦାୟ ହୋଇପାରେ । ଏହି ଟିକସ ଜଣ ପିଛା ବାର୍ଷିକ ଟ୩/-ରୁ ବେଶୀ ହେବ ନାହିଁ ।

**(୬) ଘରୋଇ ହାଟ, ବଳଦଗାଡି ଷ୍ଟାଣ୍ଡ୍ ଏବଂ କଂସେଇଖାନା ପାଇଁ ଫିସ୍** ବିହିତ ହୋଇପାରେ ।

**(୭) ପଶୁବିକ୍ରୟ ଉପରେ ଫିସ୍:** ଗ୍ରାମର କ୍ଷେତ୍ରାଧିକାର ଭିତରେ ଅବସ୍ଥିତ ସର୍ବସାଧାରଣ ହାଟକୁ ବିକ୍ରୟ ଉଦ୍ଦେଶ୍ୟରେ ଅଣାଯାଉଥିବା ଓ ବିକ୍ରୟ ହେଉଥିବା ପଶୁ ପାଇଁ ଫିସ୍ ବିହିତ ହୋଇପାରେ ।

**(୮) ଗୋରୁ ଚଳାଚଳ ନିୟନ୍ତ୍ରଣ ଫିସ୍:** ଗ୍ରାମପଞ୍ଚାୟତର ଇଲାକା ଭିତରେ ଫଳିତ ଶସ୍ୟାଦିକୁ କବଳରୁ ରକ୍ଷାକରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ଚଳାଚଳକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଏକ ଫିସ୍ ବିହିତ ହୋଇ ପାରେ ।

**(୯) ହାଟଘର ଓ ଦୋକାନ ଫିସ୍:** ସର୍ବସାଧାରଣ ହାଟରେ ଥିବା କୌଣସି କୋଠାଘର, କିମ୍ବା ଅନ୍ୟ କୌଣସି ଗୃହ, ବା ଦୋକାନ ବା ଷ୍ଟଲ୍ ବା ଷ୍ଟାଣ୍ଡ୍‌କୁ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ଠାରୁ ଆଦାୟ କରିବା ପାଇଁ ଏକ ଫିସ୍ ବିହିତ ହୋଇ ପାରେ ।

**(୧୦) ପଞ୍ଚାୟତର କଂସେଇଖାନା ଏବଂ ଗାଡି ଷ୍ଟାଣ୍ଡ୍‌ର ବ୍ୟବହାର ପାଇଁ ଫିସ୍:** ଗ୍ରାମପଞ୍ଚାୟତ ଦ୍ୱାରା ରକ୍ଷଣାବେକ୍ଷଣ ହେଉଥିବା କଂସେଇଖାନା ଏବଂ ଗାଡି ଷ୍ଟାଣ୍ଡ୍‌କୁ ବ୍ୟବହାର କରୁଥିବା ବ୍ୟକ୍ତିଙ୍କ ଠାରୁ ଏକ ଆଦାୟ ଯୋଗ୍ୟ ଫିସ୍ ବିହିତ ହୋଇପାରେ ।

**(୧୧) ଡିଲର୍‌ମାନଙ୍କ ଠାରୁ ପିସ୍:** ଗ୍ରାମପଞ୍ଚାୟତ ଦ୍ୱାରା ରକ୍ଷଣାବେକ୍ଷଣ ହେଉଥିବା କୌଣସି ମୁକ୍ତ ସ୍ଥାନ, କୋଠାବାଡି କିମ୍ବା ଗୃହକୁ ଯଦି କେହି ଡିଲର୍ ଅସ୍ଥାୟୀ ଭାବେ ଭୋଗଦଖଲ କରୁଥାନ୍ତି, ତେବେ ତାଙ୍କ ଠାରୁ ଆଦାୟ ଯୋଗ୍ୟ ଭଡା ବିହିତ କରାଯାଇ ପାରେ ।

**(୧୨) ଦଲାଲ୍, ଏଜେଣ୍ଟ ଏବଂ ଦଣ୍ଡିବାଲାଙ୍କ ଠାରୁ ଲାଇସେନ୍ସ ଫିସ:** ଗ୍ରାମ ପଞ୍ଚାୟତ ଇଲାକା ଭିତରେ ନିଜର ପେଷା ଦ୍ୱାରା ଉପାର୍ଜ୍ଜନ କରୁଥିବା ଦଲାଲ୍ (ବ୍ରୋକର୍), କମିଶନ୍ ଏଜେଣ୍ଟ, ଓ ଦଣ୍ଡିବାଲାଙ୍କ ପାଖରୁ ଆଦାୟ ପାଇଁ ଏକ ଲାଇସେନ୍ସ ଫିସ ବିହିତ କରାଯାଇ ପାରେ ।

ଏହାଛଡା ଗ୍ରାମ ପଞ୍ଚାୟତ ପ୍ରଚଳିତ କୌଣସି ଆଇନ୍ ବଳରେ ଯଦି ଅନ୍ୟ କୌଣସି ଟିକସ୍, ଦେୟ କିମ୍ବାଫିସ୍ ଆଦାୟ କରିବା ପାଇଁ କ୍ଷମତାପ୍ରାପ୍ତ ହୋଇଥିବେ, ତେବେ ତାହା ସେଭଳି ଆଦାୟ କରିହେବ । **[ଧାରା ୮୩-ଏନ୍]**

ରାଜ୍ୟ ସରାକରଙ୍କ ଅନୁମୋଦନ ନେଇ ଗ୍ରାମ ପଞ୍ଚାୟତ ସ୍ଥିର କରିଥିବା ମତେ ଅନ୍ୟ କୌଣସି ଟିକସ, ଟୋଲ୍, ଫିସ୍ ବା ଦେୟ ଆଦାୟ କରାଯାଇ ପାରେ । **[ଧାରା ୮୩-ଓ]**

ପୁନଶ୍ଚ **ଆଇନ୍‌ର ଧାରା ୫୬**ରେ କୁହାଯାଇଛି ଯେ, ପଞ୍ଚାୟତ ପରିସୀମାରେ ତଥା ମାଲିକାନାରେ ଥିବା କୌଣସି ଆବଦ୍ଧ ସ୍ଥାନ, କୋଠା ଅଥବା ତମ୍ବୁ, ଯାହାକୁ କୌଣସି ବ୍ୟକ୍ତି ବା ଅନୁଷ୍ଠାନ ସର୍ବସାଧାରଣ ସମାଗମ କିମ୍ବା ମନୋରଞ୍ଜନ ପାଇଁ ବ୍ୟବହାର କରିଥାନ୍ତି, ଗ୍ରାମପଞ୍ଚାୟତ ଜିଲ୍ଲାପାଳଙ୍କ ଅଗ୍ରୀମ ଅନୁମୋଦନ କ୍ରମେ ସେମାନଙ୍କ ଠାରୁ ଲାଇସେନ୍ସ ଫିସ୍ ଆଦାୟ କରିପାରନ୍ତି ।

ଏତଦ୍‌ଭିନ୍ନ **ଧାରା ୫୭** ଅନୁଯାୟୀ ଗ୍ରାମ ପଞ୍ଚାୟତ ଧାରା ୫୫ (ଶିଳ୍ପସଂସ୍ଥା ଏବଂ କାରଖାନା)ରେ ସୂଚୀତ ହୋଇଥିବା ଲାଇସେନସ୍ ବା ମଞ୍ଜୁରି ହାସଲ କରିଥିବା ସଂସ୍ଥାମାନଙ୍କରୁ ଆଦାୟ ପାଇଁ ଏକ ନିୟମିତ ଫିସ୍ ଧାର୍ଯ୍ୟ କରିପାରନ୍ତି ଓ ଏହାକୁ ନବୀକରଣ ମଧ୍ୟ କରିପାରନ୍ତି ।

### ୫.୪ ଯାନବାହାନ ପଞ୍ଜିକରଣ ପାଇଁ ନିୟମାବଳୀ:

ଓଡିଶା ଗ୍ରାମ ପଞ୍ଚାୟତ ଆଇନ୍ ୧୯୬୪ ଅଧୀନରେ ସ୍ୱତନ୍ତ୍ର ଭାବେ ଓଡିଶା ଗ୍ରାମ ପଞ୍ଚାୟତ ଯାନବାହନ ପଞ୍ଜୀକରଣ ନିୟମାବଳୀ ୧୯୬୭କୁ ବିଜ୍ଞପ୍ତି କରାଯାଇଅଛି । ସେଥିରେ ସୂଚୀତ ହୋଇଥିବା ଯାନବାହନଗୁଡିକ ହେଲା-

- ଘୋଡାଟଣା ଚାରିଚକିଆ ଗାଡି
- ଶଗଡ ଭଳି ଦୁଇଚକିଆ ଯାନ
- ବାଇ-ସାଇକେଲ
- ସାଇକେଲ୍ ରିକ୍‌ସା

ଉକ୍ତ ନିୟମାବଳୀର ନିୟମ ୨ ଅନୁଯାୟୀ ପ୍ରତିବର୍ଷ କେଉଁସବୁ ଧରଣର ଯାନବାହାନ ପଞ୍ଜୀକରଣ କରାଯିବା ଦରକାର ଗ୍ରାମପଞ୍ଚାୟତ ସେ ସଂବନ୍ଧରେ ଏକ ଆଦେଶନାମା ନୋଟିସ୍ ବୋର୍ଡରେ ତଥା ଡେଙ୍ଗୁରା ମାଧ୍ୟମରେ ସର୍ବସାଧାରଣଙ୍କୁ ଜଣାଇ ଦେବେ । ନିୟମ ୪ (ପଞ୍ଜିକରଣ ଫିସ୍‌ର ହାର) ଅନୁସାରେ ବାର୍ଷିକ ପଞ୍ଜିକରଣ ଫିସ୍ ଯାନପ୍ରତି ୫୦ ପଇସା ବା ଏହାର ଅଂଶବିଶେଷ ରହିବ। ନିୟମ ୫ (ଯାନ ସମ୍ବନ୍ଧରେ ବିବୃତ୍ତି) ଅନୁସାରେ ଉକ୍ତ ଆଦେଶର ପ୍ରକାଶନ ପରେ ପ୍ରତି ଯାନ ମାଲିକ ଯାନର ସମ୍ପୁର୍ଣ୍ଣ ବିବରଣୀ ଥାଇ ଏକ ଲିଖିତ ବିବୃତ୍ତି ସହ ପଞ୍ଜିକରଣ ଫିସ୍ ଗ୍ରାମପଞ୍ଚାୟତ ସଂପାଦକଙ୍କ ନିକଟରେ ଦାଖଲ କରିବେ । ନିୟମ ୬ (ଚଳନ୍ତି ବର୍ଷ ଭିତରେ ସ୍ୱତ୍ତ୍ୱ ହାସଲ କରିଥିବା ଯାନ ସମ୍ବନ୍ଧରେ ବିବୃତ୍ତି ଏବଂ ପଞ୍ଜିକରଣ ଫିସ୍) ଅନୁଯାୟୀ ଉକ୍ତ ନୋଟିସ୍ ବିଜ୍ଞାପିତ ହେବା ପରେ ଯଦି କୌଣସି ବ୍ୟକ୍ତି ସେହି ବର୍ଷ କୌଣସି ଯାନର ସ୍ୱତ୍ତ୍ୱ ହାସଲ କରିଥାନ୍ତି, ତେବେ ନିୟମ ୬ ଅନୁସାରେ ସେ ମଧ୍ୟ ନିୟମ ୫ ମତେ ଗ୍ରାମପଞ୍ଚାୟତ ନିକଟରେ ବିବୃତ୍ତି ଦାଖଲ କରିବେ । ନିୟମ ୭ (ପଞ୍ଜିକରଣ ଏବଂ ଟୋକନ୍ ମଞ୍ଜୁରି) ଅନୁସାରେ ଗ୍ରାମ ପଞ୍ଚାୟତ ଫର୍ମ ନଂ.୧ରେ ଯାନ ପଞ୍ଜିକରଣ କରିବେ ଏବଂ ଫର୍ମ ନଂ.୨ରେ ଯାନ ମାଲିକଙ୍କୁ ଏକ ଟୋକନ୍ ପ୍ରଦାନ କରିବ । ଏହି ଫର୍ମଗୁଡିକ ନିୟମାବଳୀ ସହିତ ସଂଲଗ୍ନ ହୋଇଛି ।

### ୫.୫ ଟିକସ ହାର ନିର୍ଦ୍ଧାରଣ ବେଳେ ଗ୍ରା.ପ. ପକ୍ଷେ ଅନୁସରଣୀୟ ନୀତିମାନ-

- ଓ.ଗ୍ରା.ପ. ନିୟମାବଳୀ ୧୯୬୮ର ନିୟମ ୯୮ ଅନୁଯାୟୀ ପାଇଖାନା ବା ମଳସଫେଇ ପାଇଁ ଟିକସର ହାର ଧାର୍ଯ୍ୟ କଲା ବେଳେ ଏସବୁର ସଫେଇ ପାଇଁ ବର୍ଷରେ ମୋଟ୍ ଯେତିକି ଖର୍ଚ୍ଚ ହେବ, ତାହା ଟିକସ

ଆକାରରେ ଆଦାୟ ହେଉଥିବା ମୋଟ୍ ଆୟ ଠାରୁ ଅଧିକ ହେବନାହିଁ, କିନ୍ତୁ ଯାହା ହେଉନା କାହିଁକି, ଘର ପିଛା ପାଇଖାନା/ମଳ ସଫେଇ ବାବଦ ବାର୍ଷିକ ଟିକସ ସର୍ବାଧିକ ୬ଟଙ୍କାକୁ ଟପିବ ନାହିଁ ।

- ଏହାଛଡା ଯେଉଁ ଅଞ୍ଚଳରେ ଘରୋଇ ପାଇଖାନା ଏବଂ ଆବର୍ଜ୍ଜନା ସ୍ଥଳର ସଫେଇ ପାଇଁ ଗ୍ରାମପଞ୍ଚାୟତ କୌଣସି ବ୍ୟବସ୍ଥା କରିନାହିଁ ସେ ଅଞ୍ଚଳ ପାଇଁ ଉକ୍ତ ଟିକସ ଲାଗୁ କରାଯାଇ ପାରିବ ନାହିଁ । ପୁଣି ଆବଶ୍ୟକୀୟ ବ୍ୟବସ୍ଥା ଘୋଷଣା ନକରି ତ୍ରୈମାସିକ ବା ତା ଠାରୁ କମ୍ ସମୟ-ଅବଧି ଭିତ୍ତିରେ ଉକ୍ତ ଟିକସ ଆଦାୟ ହେବ ନାହିଁ ।

- ପୁଣି ନିୟମ ୯୯ ଅନୁଯାୟୀ ଜଳନିଷ୍କାସନ ପ୍ରଣାଳୀ ପାଇଁ ଟିକସର ହାର ଧାର୍ଯ୍ୟ କଲାବେଳେ ଗ୍ରାମପଞ୍ଚାୟତ ଦ୍ୱାରା ଏହାର ପରିଚାଳନା ବାବଦରେ ଯେତିକି ଖର୍ଚ୍ଚ ହେଉଥିବ, ତାହା ଠାରୁ ଜଳନିଷ୍କାସନ ଟିକସ୍‌ରୁ ମିଳୁଥିବା ନିଟ୍ ଆୟ ଅତିରିକ୍ତ ହେବନାହିଁ । ଯାହା ହେଉନା କାହିଁକି ଜଣେ ଟିକସଦାତାଙ୍କ ଠାରୁ ଜଳନିଷ୍କାସନ ଟିକସ ବାର୍ଷିକ ଟ୩/-ରୁ ଅଧିକ ହେବ ନାହିଁ ।

## ୫.୬ ଟିକସ ହାର ନିର୍ଦ୍ଧାରଣ କ୍ଷେତ୍ରରେ ଗ୍ରା.ପ. ଦ୍ୱାରା ଅନୁସରଣୀୟ ପଦ୍ଧତି-

- ଓଡିଶା ଗ୍ରା.ପ.ନିୟମାବଳୀର ନିୟମ ୧୦୦ ଅନୁଯାୟୀ ପାଇଖାନା ବା ମଳସଫେଇ, ଜଳନିଷ୍କାସନ କିମ୍ବା ଆଲୋକ ବ୍ୟବସ୍ଥା ଇତ୍ୟାଦି ବାବଦକୁ ଗ୍ରାମପଞ୍ଚାୟତ ଦ୍ୱାରା ଆଦାୟ-ଯୋଗ୍ୟ ଟିକସ, ଫିସ୍ ଏବଂ ଦେୟର ହାର ନିର୍ଦ୍ଧାରଣ ବା ସଂଶୋଧନ ପାଇଁ ଗ୍ରାମପଞ୍ଚାୟତ ଏକ ବୈଠକ ଡକାଇ ଓଡିଶା ଗ୍ରା.ପ. ଆଇନ୍ ଏବଂ ନିୟମାବଳୀ ମତେ ନିଷ୍ପତ୍ତି ଗ୍ରହଣ କରିବେ ।

  - ପ୍ରତ୍ୟେକ କରଦାତା ଉପରୋକ୍ତ ସେବାଗୁଡିକ ପାଇଁ କେତେ ପରିମାଣର କର ଦେବେ, ତାହାକୁ ସୂଚାଇ ସଂପାଦକ କରଦାତାମାନଙ୍କର ଏକ ତାଲିକା ପ୍ରସ୍ତୁତ କରିବେ । ଏହି କରଦାତା ତାଲିକା ଗ୍ରାମ ପଞ୍ଚାୟତର ନୋଟିସ୍ ବୋର୍ଡରେ ପ୍ରକାଶ କରାଯିବ ଏବଂ ସଂପୃକ୍ତ ଗ୍ରାମବାସୀଙ୍କ ଠାରୁ ଏହା ଉପରେ ଅଭିଯୋଗ ଆହ୍ୱାନ୍ କରାଯିବ ।

  - ଯଦି କୌଣସି ଅଭିଯୋଗ ମିଳିଥାଏ, ତେବେ ତାହା ଗ୍ରାମ ପଞ୍ଚାୟତର ଏକ ବୈଠକରେ ଆଲୋଚନା ହେବ ଏବଂ ତାହା ପରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ।

  - ନିର୍ଦ୍ଧାରିତ କରର ଚୂଡାନ୍ତ ତାଲିକା ଗ୍ରାମପଞ୍ଚାୟତର ନୋଟିସ୍ ବୋର୍ଡରେ ପ୍ରକାଶିତ ହେବ।

## ୫.୭ ଟିକସ ଆଦାୟ ପଦ୍ଧତି :

- ପାଇଖାନା ବା ସଫେଇ ଟିକସ, ବା ଅନ୍ୟ କୌଣସି ଫିସ୍, ପଥକର, ଭଡା ଓ ଦେୟ ଇତ୍ୟାଦି ଆଦାୟ କରିବା ପାଇଁ ଗ୍ରାମ ପଞ୍ଚାୟତ ଏକ କିମ୍ବା ଏକାଧିକ ବ୍ୟକ୍ତିଙ୍କୁ ଟିକସ ଅସୁଲକର୍ତ୍ତା ରୂପେ ନିଯୁକ୍ତି ଦେଇପାରିବେ । (ନିୟମ ୧୯୭) ।

- ✪ ପାଇଖାନା ବା ସଫେଇ ଟିକସ, ଆଲୋକ ଦେୟ, ଜଳନିଷ୍କାସନ ଏବଂ ଜଳ କର ଗ୍ରା.ପ. ସ୍ଥିର କରିବା ମତେ ଷାଣ୍ମାଷିକ କିମ୍ବା ତ୍ରୟମାସିକ କିସ୍ତିରେ ଅଗ୍ରୀମ ଆକାରରେ ପଇଠ କରାଯାଏ । ଏପ୍ରକାର ଗୋଟିଏ କିସ୍ତିକୁ କିସ୍ତି-ଅବଧିର ପ୍ରଥମ ଦିନରେ ହିଁ ପଇଠ କରିବାକୁ ପଡିବ । (ନିୟମ ୧୯୮) ।
- ✪ ପ୍ରତ୍ୟେକ ବ୍ୟକ୍ତି ଟିକସ ପଇଠ କରିବାର ନିର୍ଦ୍ଧାରିତ ତାରିଖଠାରୁ ୧୫ ଦିନ ମଧ୍ୟରେ ଟିକସ ଅସୁଲକର୍ତ୍ତାଙ୍କୁ ଟିକସ ପଇଠ କରିବେ ।
- ✪ ଟିକସ ଅସୁଲକର୍ତ୍ତା ପଇଠ କରାଯାଇଥିବା ଅର୍ଥରାଶି ଗ୍ରହଣ କରି ଫର୍ମ ନଂ.୨୭ରେ ଏକ ରସିଦ ଦେବେ ଓ ଫର୍ମ ନଂ.୨୮ ଅନୁଯାୟୀ ପ୍ରସ୍ତୁତ ଦୈନିକ ଆଦାୟ ରେଜିଷ୍ଟର୍‌ରେ ଏହି ତଥ୍ୟକୁ ଲିପିବଦ୍ଧ କରିବେ ତଥା ଫର୍ମ ନଂ.୨୯ରେ ପ୍ରସ୍ତୁତ ଦାବୀ ଓ ଆଦାୟ ରେଜିଷ୍ଟରରେ ମଧ୍ୟ ସଂଗେ ସଂଗେ ଲିପିବଦ୍ଧ କରିବେ। (ନିୟମ ୧୯୯)।

**୫.୮ ଟିକସ ପଇଠରେ ଖିଲାପକାରୀଙ୍କ ପାଇଁ ବିଧିବିଧାନ-**

- ଯେଉଁ ବ୍ୟକ୍ତିମାନେ ସେମାନଙ୍କ ପାଇଁ ଯଥାସ୍ଥିତି ପ୍ରଯୁଜ୍ୟ ଷାଣ୍ମାସିକ କିମ୍ବା ତ୍ରୟମାସିକ କିସ୍ତି ଦେୟ ଯଥା ସମୟରେ ଦେଇ ନଥିବେ, ଟିକସ ଅସୁଲକର୍ତ୍ତା ସେପରି ଖିଲାପକାରୀମାନଙ୍କର ଏକ ତାଲିକା ପ୍ରସ୍ତୁତି କରିବେ ଏବଂ ସେହି ତାଲିକାରେ କେଉଁ ସମୟ ଅବଧି ପାଇଁ କେତେ ପରିମାଣର ଦେୟ କାହା ପାଖରୁ ବାକୀ ରହିଛି, ତାହା ସୂଚୀତ ହୋଇଥିବ । ଏହି ତାଲିକାକୁ ସଂପୃକ୍ତ ଖିଲାପକାରୀମାନେ ବାସ କରୁଥିବା ଅଞ୍ଚଳର ଏକ ସୁଦୃଶ୍ୟ ସ୍ଥାନରେ ଟଙ୍ଗାଇ ଦିଆଯିବ । **ନିୟମ ୨୦୦(୧) ।**
- ଟିକସ ଦେୟ ପାଇଁ ଉପରୋକ୍ତ ଦାବୀ ବିରୁଦ୍ଧରେ ତାଲିକା ପ୍ରକାଶ ପାଇବାର ପନ୍ଦର ଦିନ ମଧ୍ୟରେ ବିଲ୍‌ର ନକଲକୁ ସଂଲଗ୍ନ କରି ଜଣେ ବ୍ୟକ୍ତି ଉପଜିଲ୍ଲାପାଳଙ୍କ ନିକଟରେ ଅପିଲ୍ ଦାଖଲ କରିପାରିବେ । **ନିୟମ ୨୦୦(୨) ।**
- ଉପଜିଲ୍ଲାପାଳଙ୍କ ଆଦେଶର ସାତଦିନ ମଧ୍ୟରେ ଜଣେ ଖିଲାପକାରୀ ସେହି ଆଦେଶର ପୁନଃବିଚାର ପାଇଁ ଜିଲ୍ଲାପାଳଙ୍କ ନିକଟରେ ଦରଖାସ୍ତ କରିପାରିବେ । ଏହି ଦରଖାସ୍ତ ସହିତ ଉପଜିଲ୍ଲାପାଳଙ୍କ ଆଦେଶର ଏକ ନକଲ ଦାଖଲ କରାଯାଇଥିବ । **ନିୟମ ୨୦୦(୩) ।**

**୫.୯ ଖିଲାପକାରୀଙ୍କ ବିରୁଦ୍ଧରେ କୋରଖ ପରଓ୍ୱାନା:**

୫.୯.୧ ଖିଲାପକାରୀଙ୍କ ତାଲିକା ପ୍ରକାଶିତ ହେବା ପରେ ସଂପାଦକ ନଂ.୪୮ ଫର୍ମରେ ଏକ ଦାବି ନୋଟିସ ସେହି ଖିଲାପକାରୀମାନଙ୍କ ଉପରେ ଜାରି କରିବେ । ଯଦି ଖିଲାପକାରୀମାନେ ସେମାନଙ୍କର ଦେୟ ଏହି ଦାବି ନୋଟିସ୍ ଜାରିହେବା ଦିନଠାରୁ ୧୫ ଦିନ ମଧ୍ୟରେ ନଦିଅନ୍ତି ତେବେ ଫର୍ମ ନଂ.୪୯ ରେ ଚଳନ୍ତି ସମ୍ପତ୍ତିର କୋରଖ ପରଓ୍ୱାନା ଜାରି କରାଯିବ । ଖିଲାପକାରୀଙ୍କ ଉପରେ ବକେୟା ଅର୍ଥରାଶିର ଭରଣା କରିବା ପାଇଁ ତଥା ଏହି ପରଓ୍ୱାନା ବାବଦ ଖର୍ଚ୍ଚ ଉଠାଇବା ପାଇଁ ତାଙ୍କର ଚଳନ୍ତି ସମ୍ପତ୍ତିର ଏକ ଯଥେଷ୍ଟ ଅଂଶ ବିକ୍ରୀ କରି ଆବଶ୍ୟକ ଅର୍ଥରାଶି ଆଦାୟ କରିବା ଏହି ପରଓ୍ୱାନାର ମୁଖ୍ୟ ଉଦ୍ଦେଶ୍ୟ । ଖିଲାପକାରୀମାନଙ୍କର ଏହିସବୁ ଚଳନ୍ତି ସମ୍ପତ୍ତି ଯଥା ଶସ୍ୟବିହନ, ଚାଷୋପଯୋଗୀ ଗୋରୁ, ବୃତ୍ତି ଓ କୃଷି ଉପକରଣ, ପୂଜା-ଉପାସନା ସାମଗ୍ରୀ, ସେ ଓ ତାଙ୍କ ସ୍ତ୍ରୀ ଓ ଝିଅ ବ୍ୟବହାର କରୁଥିବା ପିନ୍ଧା ବସ୍ତ୍ର ଓ ବିଛଣା ପତ୍ର, ରୋଷେଇ ଉପକରଣ, ଏବଂ ହିସାବଖାତାକୁ କୋରଖରୁ ବାଦ୍ ଦିଆଯିବ । ତାଙ୍କର ଚଳନ୍ତି ସମ୍ପତ୍ତିକୁ ବିକ୍ରୟ କରାଯାଇ ତାଙ୍କ ଉପରେ ଥିବା ବକେୟା ଦେୟ ସହ ପ୍ରତ୍ୟେକ

ପରୱାନା ପାଇଁ ପନ୍ଦର ପଇସା ହିସାବରେ ପରୱାନା ଫିସ୍ ଓ ନିମ୍ନୋକ୍ତ ସାରଣୀ ମତେ ଏକ କୋରଖ ଫିସ୍ ଆଦାୟ କରାଯିବ । ପରୱାନାରେ ପ୍ରତି ବକେୟା ଦେୟର ପରିମାଣ, ପରୱାନା ଫିସ୍, କୋରଖ ଫିସ୍ ତଥା ଏସବୁର ମୋଟ୍ ପରିମାଣ ସୂଚୀତ ହୋଇଥିବ । **ନିୟମ ୨୦୧(୧)** ।

**୫.୯.୨** ପ୍ରତି କୋରଖ ପାଇଁ ନିମ୍ନ ମତେ ଏକ ଫିସ୍ ଆଦାୟ କରାଯିବ । **ନିୟମ ୨୦୧(୨)** ।

| କୋରଖ ପାଇଁ ଉଦ୍ଦିଷ୍ଟ ଅର୍ଥରାଶି | କୋରଖ ଫିସ୍ |
|---|---|
| ୧ ଟଙ୍କାରୁ କମ୍ | ଟ. ୦.୨୬ ପଇସା |
| ୧ ଟଙ୍କାରୁ ଉର୍ଦ୍ଧ୍ୱ ଓ ୫ ଟଙ୍କାରୁ କମ୍ | ଟ.୦.୫୦ ପଇସା |
| ୫ ଟଙ୍କାରୁ ଉର୍ଦ୍ଧ୍ୱ ଏବଂ ୧୦ ଟଙ୍କାରୁ କମ୍ | ଟ.୧.୦୦ |
| ୧୦ ଟଙ୍କାରୁ ଉର୍ଦ୍ଧ୍ୱ | ଟ.୧.୦୦ ଏବଂ ପ୍ରତି ଅଂଶବିଶେଷ ପାଇଁ ଟ.୧.୦୦ |

୫.୯.୩ **କୋରଖ ସଂପାଦନ କରିବା ପଦ୍ଧତି** – ପରୱାନା ଜାରି ହେବା ସତ୍ତ୍ୱେ ଯଦି ସଂପୃକ୍ତ ଖିଲାପକାରୀ ବକେୟା ଦେୟ ସଙ୍ଗେସଙ୍ଗେ ନଦିଅନ୍ତି ତେବେ କୋରଖ ପାଇଁ କ୍ଷମତାପ୍ରାପ୍ତ ବ୍ୟକ୍ତି ତାଙ୍କର ସେତିକି ପରିମାଣର ଚଳନ୍ତି ସମ୍ପତ୍ତିକୁ ଜବତ କରିବେ, ଯାହାକୁ ବିକ୍ରୀ କରାଯାଇ ସମସ୍ତ ଦେୟକୁ ଭରଣା କରାଯାଇ ପାରିବ । ସେ ଜବତ ସମ୍ପତ୍ତିର ଏକ ତାଲିକା ପ୍ରସ୍ତୁତ କରି ସେହି ତାଲିକାର ଏକ ନକଲକୁ ଖିଲାପକାରୀଙ୍କୁ ଦେବେ ଏବଂ ଯେଉଁ ସ୍ଥାନରେ ଓ ସମୟରେ ଏପରି ସଂପତ୍ତି ବିକ୍ରି ହେବ, ତାହା ଡେଙ୍ଗୁରା ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇଦେବେ । ପ୍ରସ୍ତାବିତ ବିକ୍ରୟ ତାରିଖର ଦୁଇ ଦିନରୁ ୫ ଦିନ ପୂର୍ବରୁ ଡେଙ୍ଗୁରା ଦିଆଯାଇଥିବା ଆବଶ୍ୟକ ।**ନିୟମ ୨୦୨** ।

୫.୯.୪ **ଜବତ ସଂପତ୍ତିର ବିକ୍ରୀ:**

(୧) ଜବତ କରାଯାଇଥିବା ସମସ୍ତ ସଂପତ୍ତି ଗ୍ରାମପଞ୍ଚାୟତ ସମ୍ପାଦକ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ କୌଣସି ଜଣେ ବ୍ୟକ୍ତିଙ୍କ ମାର୍ଫତରେ ରହିବ । **ନିୟମ ୨୦୩(୧)** ।

(୨) ଡେଙ୍ଗୁରା ଘୋଷଣା ଠାରୁ ସେହି ବିକ୍ରୀ ସମୟ ମଧ୍ୟରେ ଯଦି ଖିଲାପକାରୀ ତାଙ୍କର ବକେୟା ଦେୟ ସହ ପରୱାନା ଓ କୋରଖ ଫିସ୍ ନଦିଅନ୍ତି ତେବେ ଘୋଷିତ ସ୍ଥାନ ଓ ସମୟରେ ସର୍ବସାଧାରଣ ନିଲାମ ବଳରେ ଜବତ ସଂପତ୍ତି ବିକ୍ରୀ ହେବ । ବିକ୍ରିଲବ୍ଧ ଅର୍ଥରୁ ସମସ୍ତ ବକେୟା ଦେୟ ସହିତ ସଂପତ୍ତି ଜବତ ଏବଂ ବିକ୍ରି ପାଇଁ ବହନ ହୋଇଥିବା ସମସ୍ତ ଖର୍ଚ୍ଚ ଭରଣା କରାଯିବ । ପ୍ରତ୍ୟେକ ବିକ୍ରି ସ୍ଥଳରେ ସଂପାଦକ ଉପସ୍ଥିତ ରହିବେ । **ନିୟମ ୨୦୩(୨)** ।

୫.୯.୫ **ରସିଦ୍ ପ୍ରଦାନ:** କୋରଖ ଏବଂ ବିକ୍ରି ବଳରେ ବକେୟା ଟିକସ ଅସୁଲ କରିବା ପାଇଁ କ୍ଷମତାପ୍ରାପ୍ତ ହୋଇଥିବା କର୍ମଚାରୀ ଖିଲାପକାରୀଙ୍କୁ ସାଧାରଣ ଫର୍ମରେ ଏକ ରସିଦ୍ ଦେବେ, ଏବଂ ବିକ୍ରି ହୋଇନଥିବା ଜବତ ସମ୍ପତ୍ତି ସହିତ ଲବ୍ଧଅର୍ଥର ବଳକାଂଶ ଯଦିଥାଏ, ତାହା ମଧ୍ୟ ଫେରାଇଦେବେ । ଯଦି ସଂପୃକ୍ତ ଖିଲାପକାରୀ କୌଣସି କାରଣରୁ ବଳକା ଅର୍ଥରାଶି ନେବାକୁ ମନା କରନ୍ତି, ତେବେ ଏହାକୁ ପ୍ରଥମେ ଗ୍ରାମପାଣ୍ଠିରେ ଜମା ଦେବାକୁ ପଡିବ । ଏହାପରେ ବର୍ଷକ ମଧ୍ୟରେ ଯଦି ସେହି ବ୍ୟକ୍ତି ନିଜର ଦାବୀ ଉପସ୍ଥାପନ କରନ୍ତି ତେବେ ଉପଯୁକ୍ତ ଅନୁସନ୍ଧାନ ପରେ ଏହି ଅର୍ଥରାଶି ତାଙ୍କୁ ଫେରସ୍ତ ଦିଆଯାଇ ପାରେ । **ନିୟମ ୨୦୪** ।

୫.୯.୬ **କୋରଖ ପରୱାନା ରେଜିଷ୍ଟର:** ଜାରି ହୋଇଥିବା ତଥା ସମ୍ପାଦିତ କରାଯାଇଥିବା କୋରଖ ପରୱାନାଗୁଡିକର ତଥ୍ୟାବଳୀ ଫର୍ମ ନଂ.୫୦ ଅନୁଯାୟୀ ପ୍ରସ୍ତୁତ ଏକ ରେଜିଷ୍ଟର୍‌ରେ ଦରଜ କରାଯିବ । **ନିୟମ ୨୦୫ ।**

୫.୯.୭ **କୋରଖ ବିରୁଦ୍ଧରେ ଅଭିଯୋଗ:** ଖିଲାପକାରୀଙ୍କ ତାଲିକାରେ ଥିବା କୌଣସି ବ୍ୟକ୍ତି ତାଙ୍କ ଉପରେ ବକେୟା ଦେୟ ସମ୍ପର୍କରେ ଥିବା ଘୋଷଣା ବିରୁଦ୍ଧରେ ସେ ଅଭିଯୋଗ କରିବାକୁ ଚାହିଁଲେ, ସେ ତାଙ୍କର ଆପତ୍ତିର କାରଣ ଲିଖିତ ଭାବରେ ଗ୍ରାମପଞ୍ଚାୟତକୁ ଜଣାଇପାରିବେ । ଗ୍ରାମପଞ୍ଚାୟତ ଏକ ବୈଠକରେ ସେହି ଅଭିଯୋଗର ବିଚାର କରି ଯଥୋଚିତ ଆଦେଶ ଜାରି କରି ପାରନ୍ତି । **ନିୟମ ୨୦୬ ।**

୫.୯.୮ **ପରୱାନା ସତ୍ତ୍ୱେ ଅନାଦାୟ ରହିଥିବା ବକେୟା ଅର୍ଥରାଶିର ଆଦାୟ:** କୋରଖ ପରୱାନା ଜାରିହେବା ପରେ ଖିଲାପକାରୀଙ୍କ ଠାରୁ ଜବତ ହୋଇଥିବା ସମ୍ପତ୍ତିରୁ ଯଦି ବକେୟା ଦେୟଗୁଡିକ ଭତଣା କରାଯାଇ ନପାରେ କିମ୍ବା ତାଙ୍କର ଯଦି କୌଣସି ଚଳନ୍ତି ସଂପତ୍ତି ନଥାଏ, ତେବେ ଆଇନ୍‌ର ଧାରା ୧୦୨(୭) ଅନୁଯାୟୀ ଉକ୍ତ ଅର୍ଥରାଶି ଉପରେ ନିଷ୍ପତ୍ତି ନିଆଯାଇ ପାରେ, ଅର୍ଥାତ୍ ସେହି ବକେୟା ଅର୍ଥରାଶିକୁ ହୁଏତ୍ ଗ୍ରାମପଞ୍ଚାୟତ ମାଫ୍ କରିଦେଇ ପାରନ୍ତି ନଚେତ୍ ବକେୟା ଭୂରାଜସ୍ୱ କ୍ଷେତ୍ରରେ ଅନୁସୃତ ପଦ୍ଧତି ଅବଲମ୍ବନ କରି ଏହାକୁ ଆଦାୟ କରିବା ସକାଶେ ଜିଲ୍ଲାପାଳଙ୍କୁ ପ୍ରସ୍ତାବ ଦେଇ ପାରନ୍ତି । **ନିୟମ ୨୦୭ ।**

**୫.୧୦ ଯାନବାହନ ଟିକସର ଅସୁଲ –**

(୧) **ଓଡିଶା ଗ୍ରା.ପ. ଆଇନ୍‌ର ଧାରା ୧୦୩ (ଯାନବାହାନ ଟିକସ ସଂକ୍ରାନ୍ତରେ ଅସୁଲ ଓ ଅଟକ ବ୍ୟବସ୍ଥା)ର ଉପଧାରା (୧)** ଅନୁଯାୟୀ ଯେଉଁ ଯାନ ଉପରେ ଟିକସ ଦେୟ ପଇଠରେ ଖିଲାପ କରାଯାଇଛି, ସେହି ଯାନକୁ ଗ୍ରାମପଞ୍ଚାୟତ ଜବତ କରିପାରିବେ ଏବଂ ଅଟକ ମଧ୍ୟ ରଖିପାରିବେ । କିନ୍ତୁ କେବଳ ସାଇକେଲ୍‌କୁ ଛାଡିଦେଲେ ଅନ୍ୟ କୌଣସି ଯାନରେ ଲୋକ କିମ୍ବା ମାଲ୍ ପରିବହନ ହେଉଥିବା ସମୟରେ ତାକୁ ଜବତ କିମ୍ବା ଅଟକ କରାଯାଇ ପାରିବ ନାହିଁ ।

(୨) ଉପରୋକ୍ତ ଧାରାର **ଉପଧାରା (୨)** ଅନୁଯାୟୀ ଯଦି ଜବତ ହୋଇଥିବା ଯାନକୁ ଜବତ ତାରିଖ ଠାରୁ ୧୫ ଦିନ ମଧ୍ୟରେ ଦାବୀ କରାନଯାଏ ବା ଏହାର ବକେୟା ଟିକସ ପଇଠ କରାନଯାଏ, ତେବେ ସେହି ଯାନକୁ ସର୍ବସାଧାରଣ ନିଲାମ ବଳରେ ବିକ୍ରି କରାଯାଇ ପାରିବ । ବିକ୍ରୀ ଲବ୍ଧ ଅର୍ଥରାଶିକୁ ନିମ୍ନ ପ୍ରକାରେ ବିନିଯୋଗ କରାଯାଇ ପାରେ –

(କ) ଉକ୍ତ ଯାନ ଉପରେ ଥିବା ବକେୟା ଟିକସର ଭରଣା,

(ଖ) ଉକ୍ତ ଯାନ ଉପରେ ଯଦି ଜୋରିମାନା ଲାଗୁ କରାଯାଇଥାଏ, ତେବେ ତହିଁର ଭତଣା । କିନ୍ତୁ ଜୋରିମାନାର ପରିମାଣ ଟିକସ ପରିମାଣଠାରୁ ଅଧିକ ହେବ ନାହିଁ ।

(ଗ) ଉକ୍ତ ଯାନର ଜବତ, ଅଟକ ଓ ବିକ୍ରୀ ବାବଦକୁ ଯାହାକିଛି ଖର୍ଚ୍ଚ ହୋଇଥିବ, ତା'ର ଭରଣା ।

ଉପରସୂଚୀତ ଖର୍ଚ୍ଚଗୁଡିକ ବାବଦରେ ଅର୍ଥ ପୈଠ କରାଯିବା ପରେ ଯାହା ବଳିବ, ତାହା ସଂପୃକ୍ତ ଯାନର ମାଲିକଙ୍କୁ କିମ୍ବା ତାହା ଅନ୍ୟ କୌଣସି ହକ୍‌ଦାର ବ୍ୟକ୍ତିଙ୍କୁ ଫେରସ୍ତ ଦିଆଯିବ ।

(୩) ଯାନବାହାନ ଜବତ ତାରିଖ ଠାରୁ ୧୫ଦିନ ମଧ୍ୟରେ କିମ୍ବା ତାହା ବିକ୍ରୀ ହେବା ପୂର୍ବରୁ ଯେ କୌଣସି ସମୟରେ ଯଦି ସେହି ଯାନର ମାଲିକ କିମ୍ବା ଅଧିକାରପ୍ରାପ୍ତ ଅନ୍ୟ କୌଣସି ବ୍ୟକ୍ତି ତାକୁ ଦାବୀ କରନ୍ତି, ତେବେ ଯାନ

ଉପରେ ବକେୟା ଟିକସ, ଜୋରିମାନା, ତଥା ଜବତ ଓ ଅଟକ ପରିପ୍ରେକ୍ଷୀରେ ଖର୍ଚ୍ଚ ହୋଇଥିବା ଅର୍ଥରାଶିକୁ ପଇଠ କରି ସେ ତାଙ୍କର ଯାନକୁ ଫେରସ୍ତ ନେଇପାରିବେ ।

**୫.୧୧ ଟିକସ ଛାଡ କରିବା ପାଇଁ ଗ୍ରାମପଞ୍ଚାୟତର କ୍ଷମତା :**

ପଞ୍ଚାୟତ ସମିତିର ଅଗ୍ରୀମ ଅନୁମୋଦନ କ୍ରମେ ଗ୍ରାମପଞ୍ଚାୟତ ଏକ ସ୍ୱତନ୍ତ୍ର ପ୍ରସ୍ତାବ ବଳରେ ନିର୍ଦ୍ଦେଶ ଦେଇ ପାରିବେ ଯେ, ବକେୟା ଦେୟ ସଂପୃକ୍ତ ବ୍ୟକ୍ତିଙ୍କୁ କଷ୍ଟଦାୟକ ହେବା କାରଣରୁ ଅଥବା ଦେୟ ଅସୁଲ୍ ହେବାର ସମ୍ଭାବନା ନଥିବାରୁ ଗ୍ରାମପଞ୍ଚାୟତକୁ ମିଳିବାକୁ ଥିବା ଟିକସ ଓ ଫିସ୍ ଇତ୍ୟାଦି ବକେୟା ଦେୟକୁ ଗ୍ରାମପଞ୍ଚାୟତ ମାଫ୍ କରିଦେଇ ପାରିବେ । **(ଓ.ଗ୍ରା.ପ. ଆଇନ୍‌ର ଧାରା ୧୦୪) ।**

**୫.୧୨ ଗ୍ରାମ ପଞ୍ଚାୟତର ପାଉଣା ଅସୁଲ୍‌ର ସମୟସୀମା:**

ଗ୍ରାମ ପଞ୍ଚାୟତର ସମସ୍ତ ପ୍ରକାର ପ୍ରାପ୍ୟ ପ୍ରଦେୟ ତାରିଖରୁ ୩ ବର୍ଷ ଅତିକ୍ରମ କଲାପରେ କୋରଖ ମାଧ୍ୟମରେ ଆଦାୟ କରାଯିବ ନାହିଁ ଓ ୬ ବର୍ଷ ଅତିକ୍ରମ କଲାପରେ ବକେୟା ଭୂରାଜସ୍ୱ ଆକାରରେ ଆଦାୟ କରାଯିବ ନାହିଁ । **ଓ.ଗ୍ରା.ପ. ଆଇନ୍‌ର ଧାରା ୧୦୫(୨) ।**

**୫.୧୩ ପ୍ରାପ୍ୟ ଅସୁଲ କ୍ଷେତ୍ରରେ ଗ୍ରାମପଞ୍ଚାୟତର ବିଫଳତା:**

ନିଜର ପ୍ରାପ୍ୟ ଆଦାୟ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାରେ ଗ୍ରାମପଞ୍ଚାୟତ ଅବହେଳା କଲେ, ଉପଜିଲ୍ଲାପାଳ ବକେୟା ପ୍ରାପ୍ୟ ଆଦାୟ ପାଇଁ ଓଡିଶା ଗ୍ରା.ପ. ଆଇନ୍ ଓ ନିୟମାବଳୀ ଅନୁଯାୟୀ ପଦକ୍ଷେପ ନେଇପାରିବେ । ଏହିସବୁ ପଦକ୍ଷେପ ପିଛା ଯାହାକିଛି ଖର୍ଚ୍ଚ ହେବ, ତାକୁ ବାଦ୍ ଦେଇ ବଳକା ଅର୍ଥରାଶି ଗ୍ରାମ ପାଣ୍ଠିରେ ଜମା କରାଯିବ । କିନ୍ତୁ ଏହା ଉଲ୍ଲେଖନୀୟ ଯେ, ଉପଜିଲ୍ଲାପାଳ ଗ୍ରାମପଞ୍ଚାୟତର ବକ୍ତବ୍ୟ ଶୁଣାଣି ନକରି ଏବଂ ନିଜର ବିଫଳତାର ପ୍ରତିକାର ପାଇଁ ଯଥୋଚିତ ସମୟ ନଦେଇ କୌଣସି ପଦକ୍ଷେପ ନେଇ ପାରିବେ ନାହିଁ । **(ଓ.ଗ୍ରା.ପ. ଆଇନ୍‌ର ଧାରା ୧୦୬) ।**

**୫.୧୪ ବକେୟା ଅର୍ଥ ଅସୁଲ୍ ପାଇଁ ଅଦାଲତର ଆଶ୍ରୟ:**

ସମ୍ପୃକ୍ତ ଖିଲାପକାରୀ ବ୍ୟକ୍ତିଙ୍କ ଠାରୁ ବକେୟା ଦେୟ ସଂପୂର୍ଣ୍ଣ ବା ଆଂଶିକ ଭାବେ ଆଦାୟ କରିବା ପାଇଁ ଓ.ଗ୍ରା.ପ.ଆଇନ୍‌ରେ ଅନ୍ୟ ଯେତେ ପ୍ରକାର ବ୍ୟବସ୍ଥା ଅଛି, ତହିଁର ବିକଳ୍ପ ରୂପେ ଅଥବା ଉକ୍ତ ବ୍ୟବସ୍ଥାଗୁଡିକୁ ପ୍ରୟୋଗ କରିବା ସତ୍ତ୍ୱେ ଗ୍ରାମ ପଞ୍ଚାୟତ ପ୍ରାପ୍ୟ-ଆଦାୟରେ ବିଫଳ ହେଲେ ତହିଁର ଏକ ବିକଳ୍ପ ମାର୍ଗ ରୂପେ ଉକ୍ତ ଦେୟ ଆଦାୟ ପାଇଁ ଗ୍ରାମପଞ୍ଚାୟତ ଉପଯୁକ୍ତ ସିଭିଲ୍ କୋର୍ଟରେ ସଂପୃକ୍ତ ଖିଲାପକାରୀଙ୍କ ବିରୁଦ୍ଧରେ ମୋକଦ୍ଦମା ଦାଏର୍ କରି ପାରିବେ । **(ଓ.ଗ୍ରା.ପ. ଆଇନ୍‌ର ଧାରା ୧୦୭) ।**

**୫.୧୫ ଗ୍ରା.ପ. ଦ୍ୱାରା ନିର୍ଦ୍ଧାରିତ ଦେୟ ପରିମାଣ ଚୂଡାନ୍ତ ବୋଲି ବିବେଚିତ:**

- କୌଣସି ବ୍ୟକ୍ତିଙ୍କ ଠାରୁ ଆଇନ୍ ବଳରେ ଗ୍ରା.ପ. ଦ୍ୱାରା ଦାବୀ କରା ଯାଇଥିବା ପ୍ରାପ୍ୟର ପରିମାଣ ଚୂଡାନ୍ତ ବୋଲି ବିବେଚିତ ହେବ, କିନ୍ତୁ ତାହା ବିରୁଦ୍ଧରେ ଯଦି ଅପିଲ୍, ସଂଶୋଧନ ବା ପୁନର୍ବିଚାର ପାଇଁ ଆବେଦନ କରାଯାଇ ଥାଏ ତେବେ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ବଳରେ ଉକ୍ତ ପ୍ରାପ୍ୟର ପରିମାଣରେ ପରିବର୍ତ୍ତନ ଘଟିପାରେ ।
- ଉକ୍ତ ଅପିଲ୍, ସଂଶୋଧନ ବା ପୁନର୍ବିଚାର ଫଳରେ ଗୃହୀତ ହେଉଥିବା ପ୍ରତ୍ୟେକ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ଗ୍ରାମପଞ୍ଚାୟତର ଦାୟିତ୍ୱ । **(ଓ.ଗ୍ରା.ପ. ଆଇନ୍‌ର ଧାରା ୧୦୮) ।**

**୫.୧୬ ସରକାରୀ ସମ୍ପତ୍ତି ଗ୍ରା.ପ.ଟିକସର ପରିସରଭୁକ୍ତ :**

ରାଜ୍ୟ ସରକାରଙ୍କ ମାଲିକାନା ଅଧୀନରେ ଥିବା ବା ରାଜ୍ୟ ସରକାରଙ୍କୁ ନ୍ୟସ୍ତ କରାଯାଇଥିବା କୌଣସି ସମ୍ପତ୍ତି ଗ୍ରାମ ପଞ୍ଚାୟତ ଦ୍ୱାରା ଜାରି ହେଉଥିବା ପାଇଖାନା ଟିକସ, ଜଳ କର, ଆଲୋକ ଦେୟ ବା ଜଳନିଷ୍କାସନ ଟିକସ ଭଳି ବିଭିନ୍ନ ନିୟମିତ ଦେୟରୁ ଛାଡ ପାଇବ ନାହିଁ । **(ଓ.ଗ୍ରା.ପ. ଆଇନ୍‌ର ଧାରା ୯୨) ।**

**୫.୧୭ ଗ୍ରା.ପ. ନିର୍ଦ୍ଧାରିତ ଟିକସ ପରିମାଣକୁ ପୁନଃନିରୀକ୍ଷଣ ଓ ସଂଶୋଧନ କରିବାର କ୍ଷମତା:**

- ଗ୍ରା.ପ. କେଉଁ ପ୍ରଣାଳୀରେ ଟିକସର ପରିମାଣ ଧାର୍ଯ୍ୟ କରିବେ, ଟିକସ ଫାଙ୍କିକୁ ରୋକିପାରିବେ, ଟିକସର ପରିମାଣ ଆକଳନରେ ପରିବର୍ତ୍ତନ ଓ ସଂଶୋଧନ ଆଣି ପାରିବେ, ଟିକସଦାତାଙ୍କ ତାଲିକା ପ୍ରସ୍ତୁତ କରିବେ ତଥା ସେହି ତାଲିକାରେ ସଂଶୋଧନ ଘଟାଇ ପାରିବେ, ଏସବୁ ବିଷୟରେ ପଦ୍ଧତି ବିହିତ କରିବା ପାଇଁ ରାଜ୍ୟ ସରକାରଙ୍କର କ୍ଷମତା ରହିଛି ।
- ଜିଲ୍ଲାପାଳ ତାଙ୍କ ନିଜଆଡୁ କିମ୍ବା କୌଣସି ଟିକସଦାତାଙ୍କ ଠାରୁ ଦରଖାସ୍ତ ପାଇଲା ପରେ କୌଣସି ଟିକସ, ଟୋଲ୍, ଫିସ୍ ବା ଦେୟର ପରିମାଣକୁ ପୁନର୍ବିଚାର ବା ସଂଶୋଧନ କରିପାରନ୍ତି । **(ଓ.ଗ୍ରା.ପ. ଆଇନ୍‌ର ଧାରା ୯୦)।**

**୫.୧୮ ଗ୍ରାମପଞ୍ଚାୟତର ଟିକସ ବ୍ୟବସ୍ଥାରେ ଜିଲ୍ଲାପାଳଙ୍କ କ୍ଷମତା:**

- ଜିଲ୍ଲାପାଳ ଯଦି ହୃଦ୍‌ବୋଧ କରିବେ ଯେ, ଗ୍ରାମପାଣ୍ଠିର ଆର୍ଥିକ ସଂକଟକୁ ଅତିକ୍ରମ କରିବା ପାଇଁ ଏକ ନୂତନ ଟିକସ ବସାଇବା ଦରକାର ଅଥବା ବର୍ତ୍ତମାନ ପ୍ରଚଳିତ ଥିବା କୋଣସି ଟିକସର ହାରରେ ବୃଦ୍ଧି ଘଟାଇବା ଦରକାର ତେବେ ସେ ଏହି ମର୍ମରେ ଗ୍ରାମପଞ୍ଚାୟତକୁ ଆଦେଶ ଦେଇପାରିବେ । ଗ୍ରାମ ପଞ୍ଚାୟତ ଏହି ଆଦେଶକୁ ଏମିତି ପାଳନ କରିବେ, ଯେମିତି କି ଏହି ଆଦେଶ ସ୍ୱୟଂ ଗ୍ରାମ ପଞ୍ଚାୟତ ଧାର୍ଯ୍ୟ କରିଛି ।
- ଜିଲ୍ଲାପାଳ ଉକ୍ତ ଆଦେଶ ଜାରି କରିବା ସମୟରେ ନୂତନ ଟିକସର ପ୍ରବର୍ତ୍ତନ ବା ପ୍ରଚଳିତ ଟିକସର ହାର ବୃଦ୍ଧି ସମ୍ବନ୍ଧରେ ଗ୍ରାମପଞ୍ଚାୟତ କିମ୍ବା ଗ୍ରାମର କୌଣସି ବାସିନ୍ଦାଙ୍କ ଠାରୁ ଉଠିଥିବା ଆପତ୍ତିଗୁଡ଼ିକୁ ବିଚାରକୁ ନେଇଥିବେ ।
- ନୂତନ ଟିକସ ବା ଟିକସ ବୃଦ୍ଧି ପାଇଁ ଜିଲ୍ଲାପାଳଙ୍କ ଆଦେଶ ଥରେ ଜାରି ହୋଇଗଲେ ଗ୍ରାମପଞ୍ଚାୟତ ନିଜର ଖିଆଲଖୁସିରେ ସେହି ଆଦେଶର ଉପେକ୍ଷା, ପରିବର୍ତ୍ତନ ବା ପ୍ରତ୍ୟାଖ୍ୟାନ କରିପାରିବେ ନାହିଁ । କିନ୍ତୁ ଜିଲ୍ଲାପାଳ ନିଜେ ଚାହିଁଲେ ବିଜ୍ଞପ୍ତି ପ୍ରକାଶନ କରି ନୂତନ ଭାବେ ଚାଲୁ ହୋଇଥିବା ଟିକସକୁ ଉଚ୍ଛେଦ ବା ହ୍ରାସ କରିପାରନ୍ତି ବା ବର୍ଦ୍ଧିତ ଟିକସ ପରିମାଣକୁ ହ୍ରାସ କରାଇ ପାରନ୍ତି । **(ଓ.ଗ୍ରା.ପ. ଆଇନ୍‌ର ଧାରା ୯୧)।**